# ପିଲାଙ୍କ ଧରିତ୍ରୀ

ଶନିବାର, ୩୦ ଏପ୍ରିଲ, ୨୦୨୨



# ନିମ କଢ଼ି

ଗପ

ରବିବାର, ପୂଜା ସକାଳୁ ଉଠି ଦାଣ୍ଡବାଡ଼ି ହେଉଛି। କେତେବେଳେ କଖାରୁଫୁଲ ଧରି ବୁଢ଼ୀମାଉସୀ ଆସିବେ। କଖାରୁଫୁଲ ବରା କେତେ ମଜାଲାଗୁଛି ଖାଇବାକୁ। ଦୂରରୁ ପାଟି ଶୁଭିଲା ବୁଢ଼ୀର। ପୂଜା ଦୌଡ଼ିଗଲା ଦାଣ୍ଡ ଦୁଆରକୁ। ନିମକଢ଼ି ନେବ ନିମକଢ଼ି। ପୂଜା ପଚାରିଲା ଆଜି କଖାରୁଫୁଲ ନାହିଁ ? ବୁଢ଼ୀଟି କହିଲା, ଇଏତ ଅମୂଲ ମୂଲ। ନିମ ଗଛରୁ ତୋଳି ଆଣିଛି।



ପୂଜା ଘର ଭିତରକୁ ଦୌଡ଼ିଯାଇ ମା'କୁ ଡାକିଆଣିଲା। ମା' ଖୁସିରେ କହିଲେ ମାଉସୀ, କଖାରୁଫୁଲ ବଦଳରେ ଆଜି ଭଲ ଜିନିଷଟିଏ ଆଣିଛ ? ଦଶ ଟଙ୍କାର ନିମକଢ଼ି କିଣି ଘରକୁ ଚାଲିଗଲେ। ପୂଜା ନିମକଢ଼ି କେବେ ଦେଖିନି, ତଥାପି ଟିକି ଫୁଲର ବାସନା ଭାରି। ପୂଜା ବହୁତ ଖୁସି।

ମା' କଢ଼ିଗୁଡ଼ିକ ବାଛି ଚାଉଳ ପିଠଉ ଦେଇ ବରା କଲେ। ପୂଜା ଖୁସିରେ ବରାଟିଏ ଆଣି ଖାଇଲା। ଛି ....... ଛି........ ଥୁ ....... ଥୁ କରି ପାଟିରୁ ବାହାର କରି ପକାଇଲା। କାନ୍ଦି କାନ୍ଦି କହିଲା, ମା' ଏ କ'ଣ ଏତେ ପିତା। ଏଗୁଡ଼ା କାହିଁ କିଣିଲ ? ଏତେ ପିତା କିଏ ଖାଇବ। ଏଥିପାଇଁ ପୂଜା ରାଗିଯାଇ କହିଲା ଆଜି ମୁଁ କିଛି ଖାଇବି ନାହିଁ।

ଜେଜେମା' ଖାଲି ହସୁଥାନ୍ତି। ନାତୁଣୀକୁ ବୁଝାଇ କହିଲେ, ନିମକଢ଼ି ପାଟିକୁ ପିତା, ହେଲେ ଦେହକୁ କେତେ ହିତ ଜାଣିଛୁ ତ ? ପିତା ଖାଇଲେ ରକ୍ତ ପରିଷ୍କାର ହୁଏ। କାଛୁ କୁଣ୍ଡିଆ ସବୁ ପ୍ରକାର ଚର୍ମରୋଗ ଦୂରେଇ ଯାଏ। ପେଟରୁ କୃମି ମରି ସଫା ହୋଇ ଯାଆନ୍ତି। ପିତା ଖାଇଲେ ଆଖିକୁ ପରିଷ୍କାର ଦେଖାଯାଏ। ରକ୍ତଚାପ, ମଧୁମେହ ରୋଗ ହୋଇଥିଲେ ପିତା ଖାଇବା ଶରୀର ପାଇଁ ଅତ୍ୟନ୍ତ ଭଲ। ନିମପତ୍ର ସହିତ ଝୁଣା ଧୂଆଁ ମିଶାଇ ଦେଲେ ଘର ଭିତରେ ଥିବା ମଶା ତଥା ଅନ୍ୟ ରୋଗ ଜୀବାଣୁ ମରିଯାଆନ୍ତି। ଅନ୍ୟ କୌଣସି କୀଟପତଙ୍ଗ ଘରେ ପଶନ୍ତି ନାହିଁ। ନିମଗଛର ପତ୍ରରୁ ପ୍ରଚୁର ଅମ୍ଳଜାନ ବାହାରି ବାୟୁମଣ୍ଡଳରେ ମିଶିଥାଏ। ସେଥିପାଇଁ ରାସ୍ତାକଡରେ ନିମଗଛ ଲଗାଯାଏ। ସବୁଠୁ ବଡ଼କଥା ହେଲା, ଆମ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ସେହି ନିମଗଛରୁ ହିଁ ସୃଷ୍ଟି ହୋଇଛନ୍ତି। ନିମଗଛ ଆମର ଦେବତା। ନିମ୍ବର ଉପକାର କିଏ ଶୁଝିପାରିବ ?

ପୂଜା ଖୁସିରେ କହିଲା, ଜେଜେମା' ନିମକଢ଼ି ପାଟିକୁ ପିତା ଲାଗିଲେ ମଧ୍ୟ ଶରୀର ପାଇଁ ଏତେ ଉପକାରୀ ! ସେଥିପାଇଁ ବୁଢ଼ୀମାଉସୀ କହୁଥିଲେ, ଇଏତ ଅମୂଲ ମୂଲ ବୋଲି। ଜେଜେ ମା' କହିଲେ କଥାରେ ଅଛି –

''ଯେ ଦେଶ ଯାଇ ସେ ଫଳ ଖାଇ,
ଚଇତେ ନିମ ଚକୁଳି ଖାଇ''।

ଏଥିପାଇଁ ତ ଚୈତ୍ର ମାସରେ ନିମଫୁଲ ହୁଏ। ତାକୁ ପିଠା କରି କିମ୍ବା ଭାଜି କରି ଖାଇବା ଜରୁରୀ। ପୂଜା କହିଲା, ଆମେ ସମସ୍ତେ ନିମକଢ଼ି ପ୍ରତ୍ୟେକ ଦିନ ଖାଇବା। ଆମ ଦେହ ଭଲ ରହିବ। ଜେଜେମା' ହସି ଉଠିଲେ।

**–କବିତା ମିଶ୍ର**
ସେକ୍ଟର – ୩ / ୫୫, ନୀଳାଦ୍ରି ବିହାର,
ଭୁବନେଶ୍ୱର– ୨୧,
ମୋ–୯୯୩୭୦୩୩୭୫୦

## ଖିଲି ଖିଲି ହସ

**(ମା' ଓ ମୁନି ମଧ୍ୟରେ କଥାବାର୍ତ୍ତା...)**

**ମୁନି ମା'ଙ୍କୁ:** ମୁଁ ଜନ୍ମ ହେବା ପୂର୍ବରୁ ତମେ ମୋତେ କ'ଣ ଦେଖିଥିଲ ?
**ମା':** ନା ! କେମିତି ଦେଖିଥାନ୍ତି।
**ମୁନି:** ତା ହେଲେ, ଜନ୍ମ ହେବା ପରେ ତମେ ମୋତେ କେମିତି ଚିହ୍ନିଲ ?

**(ପିଣ୍ଟୁ ଓ ଚିଣ୍ଟୁ କଥାହେବା ସମୟରେ...)**

ପିଣ୍ଟୁ(ଚିଣ୍ଟୁକୁ): ମୋ ବାପାଙ୍କ ଆଗରେ ବଡ଼ ବଡ଼ ଲୋକ ବି ଥାଳି ଧରି ଠିଆ ହେଉଛନ୍ତି।
**ଚିଣ୍ଟୁ:** କେମିତି ! ତା'ହେଲେ ତୋ ବାପା ନିଶ୍ଚୟ ଖୁବ୍ ଧନୀ ହୋଇଥିବେ।
**ପିଣ୍ଟୁ:** ନା ! ସେ ଗୁପ୍‌ଚୁପ୍ ଦୋକାନୀ।

**(ରାଜୁକୁ ଶିକ୍ଷକଙ୍କ ପ୍ରଶ୍ନ...)**

**ଶିକ୍ଷକ:** ଯଦି ଇଂଲିଶ୍‌ରେ ମା'ଙ୍କୁ ମମ୍ କୁହାଯାଏ, ତେବେ ମା'ଙ୍କର ବଡ଼ ଭଉଣୀ ଓ ସାନ ଭଉଣୀଙ୍କୁ କ'ଣ କୁହାଯିବ ?
**ରାଜୁ:** ସାର୍, ଇଏତ ବହୁତ ସହଜ ପ୍ରଶ୍ନ। ମା'ଙ୍କ ବଡ଼ଭଉଣୀଙ୍କୁ ମ୍ୟାକ୍ସିମମ୍ ଓ ସାନ ଭଉଣୀଙ୍କୁ ମିନିମମ୍।

## ମତାମତ

▶▶ 'ଜଳଦାନ ମହାପୁଣ୍ୟ' ଗଳ୍ପ ଭଲ ଲାଗିଲା। ଏଭଳି ଶିକ୍ଷଣୀୟ ଗଳ୍ପ ପ୍ରକାଶ କରାଉଥିବାରୁ ଧନ୍ୟବାଦ।

**–ସୌମ୍ୟରଞ୍ଜନ ପଣ୍ଡା, କ୍ରିଦାଶପୁର, ନୟାଗଡ଼**

▶▶ କବିତା ସ୍ତମ୍ଭରେ ପ୍ରକାଶିତ 'ମଧୁବାବୁ' କବିତାଟି ପଢ଼ିବାକୁ ଭଲ ଲାଗିଲା । ସ୍ଥାନିତ ଚିତ୍ରଗୁଡ଼ିକ ମଧ୍ୟ ଆକର୍ଷଣୀୟ ଥିଲା।

**–ମୋହାଲି ପାତ୍ର, ବେଲପଡ଼ା, ବଲାଙ୍ଗୀର**

▶▶ ଏଥର 'ଖିଲି ଖିଲି ହସ' ସ୍ତମ୍ଭରେ ବାହାରିଥିବା ହସକଥା ପଢ଼ି ଖୁବ୍ ହସିଲି।

**–ବିଜୟିନୀ ସାମନ୍ତରାୟ, ସିନାପାଲ୍ଲୀ, ନୂଆପଡ଼ା**

▶▶ ତୁମ ତୂଳୀରୁ ସ୍ତମ୍ଭରେ କୁନି କୁନି ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ଲାଗୁଛି।

**–ରଜତ୍ କୁମାର ପାଢ଼ୀ, ଉଦଳା, ମୟୂରଭଞ୍ଜ**

▶▶ ପୃଷ୍ଠା ୩ରେ ପ୍ରକାଶିତ 'ସଞ୍ଚୟ' ପାଠଟିରୁ ନୂଆ କଥା ଶିଖିବାକୁ ମିଳିଲା।

**–ପ୍ରିୟା ଦାସ, ବିରିଡ଼ି, ଜଗତ୍‌ସିଂହପୁର**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,


## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



> ମୁନା ଆଶ୍ଚର୍ଯ୍ୟ ହୋଇ ଅଜାଙ୍କୁ ପଚାରିଲା ''ଏଠି ତ ସବୁ ଯାଦୁ ଭଳିଆ ଲାଗୁଛି। ମାଟି ଚାଳଘର ଏସି ଭଳିଆ ଥଣ୍ଡା ଲାଗୁଛି। ମାଟି ହାଣ୍ଡିର ପାଣି ଫ୍ରିଜ୍ ଭଳି ଥଣ୍ଡା ଜଣାପଡୁଛି। ଏହାର କାରଣ ମୋତେ ଟିକେ ବୁଝାଇ ଦିଅ।''



# ଥଣ୍ଡା ଘର

ନିକୁଞ୍ଜ ବିହାରୀ ସାହୁ



ସହରର ଏକ ବିଦ୍ୟାଳୟରେ ପଢ଼େ ମୁନା। ତା'ର ଖରାଛୁଟି ଆରମ୍ଭ ହୋଇଯାଇଥାଏ। ସେ ଖରାଛୁଟି କାଟିବା ପାଇଁ ବାପାଙ୍କ ସହିତ ଅଜାଙ୍କ ଘରକୁ ଗଲା। ଅଜାଙ୍କ ଘର ଏକ ଗାଁରେ। ଅଜା ଗାଁ ପାଖ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ନିକଟରେ ଅବସର ଗ୍ରହଣ କରିଥାନ୍ତି । ଅଜାଙ୍କ ଘରେ ପହଞ୍ଚିଲା ବେଳକୁ ମୁନା ଗରମରେ ଝାଳଲାଳ ହୋଇଯାଇଥାଏ। ସେ ଅଜାଙ୍କୁ କହିଲା, ''ଅଜା, ଭାରି ଗରମ ଲାଗିଲାଣି, ଟିକେ ଏସି ଚଲେଇ ଦିଅ।'' ଅଜା କହିଲେ, ତୁ ଆଗ ଘର ଭିତରକୁ ଚାଲ, ମୁଁ ଏସି ଚଲେଇ ଦେଉଛି। ଏହା କହି ଅଜା ମୁନାକୁ ଏକ ଚାଳ ଘର ଭିତରକୁ ନେଇଗଲେ। କହିଲେ,''ଏ ହେଉଛି ଆମର ଏସି ଘର, ତୁ ଏଇ ଘରେ ଦଣ୍ଡେ ବସ ।'' ମୁନା ଟିକେ ବିରକ୍ତ ହୋଇ କହିଲା,''ଏ ତ ମାଟିକାନ୍ଥ ଥିବା ଏକ ଚାଳଘର, ତୁମେ କହୁଛ ଏଇଟା ଏସି ଘର। ଏସି ନା ଫେସି ।'' ଅଜା କହିଲେ,''ତୁ ଆଗେ ଏ ଘରେ ଦଣ୍ଡେ ବସ, ଆମ ଗାଁ ଏସିର ମଜା ଜାଣିପାରିବୁ।'' ଆଉ କୌଣସି ଉପାୟ ନ ଥିବାରୁ ମୁନା ବାଧ ହୋଇ ସେ ମାଟିଘରେ ବସି ତା' ମୋବାଇଲ୍ ଫୋନରେ ଖେଳିବା ଆରମ୍ଭ କଲା। ଗାଁକୁ ଆସିଥିବାରୁ ଖରାଛୁଟିଟା ଗରମରେ ବେକାର ଯିବ ବୋଲି ମନେ ମନେ ବହୁତ ଅନୁତାପ କଲା ସେ । କିଛି ସମୟ ଗଲା ପରେ ସତକୁ ସତ ତା'କୁ ଥଣ୍ଡା ଲାଗିଲା। ତା'ର ଝାଳ ମରିଗଲା। ତା'କୁ ଟିକେ ଆରାମ ଲାଗିବାରୁ ସେ ଅଜାଙ୍କୁ ଡାକ ପକେଇ କହିଲା, ''ଅଜା ! ଭାରି ଶୋଷ ଲାଗୁଛି। ଫ୍ରିଜ୍‌ରୁ ଟିକେ ଥଣ୍ଡା ପାଣି କାଢ଼ି ଦିଅ।'' ଅଜା ସଙ୍ଗେସଙ୍ଗେ ଆଈଙ୍କୁ ଥଣ୍ଡା ପାଣି ଆଣିବା ପାଇଁ କହିଲେ । ଆଈ ପାଖରେ ଥିବା ଏକ ମାଟିପାତ୍ରରୁ ଥଣ୍ଡା ପାଣି ଗୋଟିଏ ଗିଲାସରେ କାଢ଼ି ମୁନାକୁ ଦେଲେ। ମୁନା ସେ ପାଣି ଦେଖି ପଚାରିଲା, ''ଏ ମାଟି ପାତ୍ରର ପାଣି କ'ଣ ଥଣ୍ଡା ? ମୋତେ ଟିକିଏ ଫ୍ରିଜ୍ ପାଣି ଦିଅ।'' ଅଜା କହିଲେ, ''ତୁ ଆଗ ଏ ପାଣି ପିଇ ଦେଖୁନୁ।'' ମୁନା ସେଇଠୁ ଟିକେ କୁଣ୍ଠା ପ୍ରକାଶ କରି ସେ ପାଣି ପିଇଲା। ପାଣି ପିଇ ତା ମନ ଭାରି ଖୁସି ହୋଇଗଲା। ସେ କହିଲା, ''ଆଶ୍ଚର୍ଯ୍ୟ, ଏ ପାଣି ସତରେ ତ ଭାରି ଥଣ୍ଡା ଲାଗିଲା। ଏହା ପୁଣି ପାଟିକୁ ଭଲ ସୁଆଦିଆ ଲାଗୁଛି। ଏହା କହି ମୁନା ଆଉ ଗୋଟିଏ ଗ୍ଲାସ୍ ପାଣି ମଗାଇ ପିଇଲା। ମୁନା ଆଶ୍ଚର୍ଯ୍ୟ ହୋଇ ଅଜାଙ୍କୁ ପଚାରିଲା ''ଏଠି ତ ସବୁ ଯାଦୁ ଭଳିଆ ଲାଗୁଛି। ମାଟି ଚାଳଘର ଏସି ଭଳିଆ ଥଣ୍ଡା ଲାଗୁଛି। ମାଟି ହାଣ୍ଡିର ପାଣି ଫ୍ରିଜ୍ ଭଳି ଥଣ୍ଡା ଜଣାପଡୁଛି। ଏହାର କାରଣ ମୋତେ ଟିକେ ବୁଝାଇ ଦିଅ।'' ଅଜା କହିଲେ ତୁ ଆଗେ ଖାଇବୁ ଯାଆ। ମୁଁ ପରେ ସବୁ କଥା ତତେ ବୁଝାଇ ଦେବି।''

ଏତିକିବେଳେ ମାଈଙ୍କ ପାଟି ଶୁଣି ମୁନା ଖାଇବାକୁ ଗଲା । ଖାଇ ସାରିଲା ପରେ ଅଜାନାତି ଦୁହେଁ ସେହି ଚାଳଘରେ ଏକ ଦଉଡ଼ିଆ ଖଟ ଉପରେ ଶୋଇ ଗଡ଼ପଡ଼ ହେଲେ। ହେଲେ ମୁନା ମନରେ ସେଇ ଗୋଟିଏ କଥା ଉଙ୍କି ମାରୁଥାଏ। ଅଜା ମୁନାକୁ ଏ ପର୍ଯ୍ୟନ୍ତ ଶୋଇ ନ ଥିବାର ଦେଖି କାରଣ ପଚାରିଲେ। ମୁନା କହିଲା, ''ତମେ ମୋତେ ଆଗ ବୁଝାଇ କୁହ, ମାଟି କାନ୍ଥ ଓ ଚାଳଛପର ଘରଟା ଏତେ ଥଣ୍ଡା ଲାଗିଲା କିପରି ? ପୁଣି ଗୋଟିଏ ମାଟି ହାଣ୍ଡିର ପାଣି ଥଣ୍ଡା ପାଲଟିଲା କିପରି ? ଏହାର ରହସ୍ୟ କ'ଣ ?'' ଅଜା ଏହା ଶୁଣି ହସିହସି କହିଲେ, ତେବେ ବୁଝାଇ କହୁଛି, ଶୁଣ ; ପ୍ରକୃତରେ ଘରର ମାଟି କାନ୍ଥ ଓ ଚାଳଛପର ତାପର କୁପରିବାହୀ ପଦାର୍ଥ। ଫଳରେ ବାହାରର ତାପ ସହଜରେ ଏହି ଘର ଭିତରେ ପ୍ରବେଶ କରିପାରେ ନାହିଁ। ତେଣୁ ଏଭଳି ଘର ଖରାଦିନେ ପ୍ରକୃତରେ ଥଣ୍ଡା ରହିଥାଏ। ସେହିପରି ତୁ ଯେଉଁ ମାଟି ହାଣ୍ଡି କଥା କହୁଛୁ, ତା'ର ନାମ ପ୍ରକୃତରେ ସୁରେଇ । ଏଥିରେ ଥିବା ଅସଂଖ୍ୟ ଛୋଟ ଛୋଟ ଛିଦ୍ର ଦେଇ ଭିତରର ପାଣି ପଦାକୁ ଝରିଆସେ । ସେ ପାଣି ସୁରେଇ ମଧ୍ୟରେ ଥିବା ପାଣିରୁ ତାପ ସଂଗ୍ରହ କରି ବାଷ୍ପ ହୋଇ ବାୟୁକୁ ଚାଲିଯାଏ। ଏହାଦ୍ୱାରା ସୁରେଇରୁ ତାପ କ୍ରମାଗତ ପଦାକୁ ସ୍ଥାନାନ୍ତରିତ ହେଉଥିବାରୁ ଏଭଳି ପାତ୍ରର ପାଣି ଧାତବ ପାତ୍ରର ପାଣି ତୁଳନାରେ ଥଣ୍ଡା ଜଣାପଡ଼େ। ମୁନା ଏଥର ସବୁ ବୁଝି ପାରିଥିଲା । ସେ ଘରେ ପ୍ରକୃତରେ ଥଣ୍ଡା ଓ ଆରାମ ଲାଗିବାରୁ କେତେବେଳେ ତା'କୁ ନିଦ ଲାଗି ଯାଇଛି ଜଣା ନାହିଁ।



– ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୯୧୭୬୩୭୯୭୪

# ତୁମ ତୁଳୀରୁ







୧



୨



୩




୪



୫



୬



୭



୮



୯



**ପ୍ରୟାସ କୁମାର ସାମଲ**
କ୍ଲାସ- ୮, କେନ୍ଦ୍ରୀୟ ବିଦ୍ୟାଳୟ, ମାଲକାନଗିରି

୧

**ଶିବାଙ୍ଗୀ ବିଶ୍ୱାସ**
କ୍ଲାସ-୨, ସାଇ ଆଙ୍ଗନ ସ୍କୁଲ, ପଟିଆ, ଭୁବନେଶ୍ୱର



୨



**ଦିବ୍ୟାଂଶୀ ଜେନା,**
କ୍ଲାସ--୩, ମଦର୍ଶ ପବ୍ଲିକ ସ୍କୁଲ, ଭୁବନେଶ୍ୱର

୩

**ଆଶ୍ୱତୀ ଚକ୍ରବର୍ତ୍ତୀ**
କ୍ଲାସ- ୯, ଜୟପି ପବ୍ଲିକ୍ ସ୍କୁଲ, ନୋଏଡା



୪



**ଅଦିତି ପୃଷ୍ଟି**
କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ ନଂ ୪, ନିଳାଦ୍ରୀ ବିହାର, ଭୁବନେଶ୍ୱର

୫

**ସୌମ୍ୟରଞ୍ଜନ ପରିଡା**
କ୍ଲାସ-୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନର୍ଲା, କଳାହାଣ୍ଡି



୬



**ଶ୍ରୀୟାଶ୍ରୀ ସାମଲ**
କ୍ଲାସ- ୬, ବାଳବିହାରୀ ସରକାରୀ ସ୍କୁଲ୍, ମହଲ, କେନ୍ଦ୍ରାପଡା

୭

**ନିଷ୍ଠା ଦାସ**
କ୍ଲାସ- ୭, ସେଣ୍ଟ ଜାଭିଅର କିଡ୍ସ, ବାଲୀପୁଟ, ପୁରୀ



୮



**ସ୍ୱସ୍ତିକ୍ ସ୍ୱରୂପ**
କ୍ଲାସ- ୩, ଗୁଡ୍ ଶେଫାର୍ଡ ସ୍କୁଲ, ଦାରିଙ୍ଗବାଡି, କନ୍ଧମାଳ

୯



# ଫୁଲ

**କ ବି ତା**

ଫୁଲଟିଏ ଫୁଟେ ପାଖୁଡା ଖୋଲି
ବାସ ଚହଟାଏ ଶାଖାରେ ଝୁଲି,
ମହୁମାଛି ଆସି ତା ଉପରେ ବସେ
ମହୁତକ ସବୁ ପିଇବ ବୋଲି ।
ଫୁଲ ଖାଲି ଦିଏ ନାହିଁ ମହକ
ରଙ୍ଗେ ଭରିଥାଏ ପାଖୁଡ଼ା ତକ,
ବିଭୁ ପାଦ ତଳେ ଅରପି ନିଜକୁ
ପାଉଥାଏ ସିଏ ସରଗ ସୁଖ ।
ପ୍ରକୃତି ରଖିଛି ଯତନ କରି
କେହି ତ ନାହାନ୍ତି ତାହାର ଅରି,
ନିତି ଫୁଟୁଥାଏ ନିତି ଝଡୁଥାଏ
ମୋହୁଥାଏ ସିଏ ମନ ସବୁରି ।
ଦେହଟି ତାହାର କେଡ଼େ ନରମ
ଭୁଲେ ନାହିଁ କେବେ ତାର କରମ,
ନିଜେ ହସି ହସି ଦୁନିଆଁ ହସାଏ
ଧନ୍ୟ ହୋଇଯାଏ ତାର ଜନମ ।

**–ସତ୍ୟନାରାୟଣ ପ୍ରସାଦ ନାୟକ**
ରଥ ରୋଡ, ଭୁବନେଶ୍ୱର –୨

# ମୁଁ ପରା ଶ୍ରମିକ ପୁଅ

ଭଙ୍ଗା ଚାଳିଆରେ ବାସ ସିନା ମୋର
ଗଢ଼େ କୋଠା ମାଳ ମାଳ
ସଡ଼କ କେନାଲ ବନ୍ଧ ବାଡ଼ ଗଢ଼େ
ତୁଣ୍ଡେ ମାରି ମୁଣ୍ଡ ଝାଳ,
ମୁଁ ପରା ଶ୍ରମିକ ପୁଅ
ଆନ ଓଠେ ହସ ଦେଇଥାଏ ଭରି
ନିଜେ ପିଇ ନିଜ ଲୁହ ।
କଳ କାରଖାନା ଗଢ଼ି ଦେଉଅଛି
ଦେଶର ମଙ୍ଗଳ ପାଇଁ
ଆର୍ଥିକ ସଙ୍କଟ ଦୂର ହୋଇ ଜାତି
ଯାଉଛି ଆଗକୁ ଧାଇଁ,
ମରେ ନାହିଁ ମୋର ଭୋକ
ଦିଅନ୍ତିନି କେହି ଉଚିତ ପାଉଣା
ଭାବି ମୋତେ ଛୋଟ ଲୋକ ।
ଚାପିଦିଏ ମନେ ମନର କୋହକୁ
କରେନାହିଁ ଅଭିମାନ
ମୋ'ନାମେ ଦିବସ ପାଳନ
ହେଉଛି
ମୁହିଁ କେଡ଼େ ଭାଗ୍ୟବାନ ।

**– ନିରାକାର ଚଇନି**
କଳିଗାଁ, ହାଟଡିହୀ,କେନ୍ଦୁଝର

# ହୋଇଲା ପରୀକ୍ଷା ବେଳ

ଉଠ ଉଠ ଚାଟ ନ କରିଣ ମଠ
ହୋଇଲା ପରୀକ୍ଷା ବେଳ,
ବହି ବନ୍ଧୁ ସାଥେ ସମ୍ପର୍କକୁ ରଖି
ଭୁଲି ଯାଅ ସାଥୀ ଖେଳ ।
କ୍ଷଣ କ୍ଷଣ କରି ଦିନ ଯିବ ସରି
ଆଳସ୍ୟ ତେଜିଣ ଦେହୁଁ,
ଦିବସ ରଜନୀ ଏକ କରି ଦିଅ
ପୁସ୍ତକେ ମନଟି ରହୁ ।
ଗଣିତ, ଇଂରାଜୀ, ସାହିତ୍ୟ, ବିଜ୍ଞାନ
ଅବା ହେଉ ଇତିହାସ,
ବୁଝିବା ପର୍ଯ୍ୟନ୍ତ ପଚାରିବ ରହି
ନ ଛାଡ଼ିବ ଗୁରୁ ପାଶ ।
କରି ପରିଶ୍ରମ ସଂଶୋଧିତେ ଭ୍ରମ
ଉଚ୍ଚ ଅଭିଳାଷ ରଖ,
ଜିଜ୍ଞାସୁ ପିପାସୁ ହୋଇବ ସଭିଏଁ
ଅର୍ଜୁନ ଚରିତ୍ର ଦେଖ ।
ବିହଙ୍ଗର ଚକ୍ଷୁ ଆସୁ ତୁମ ଲକ୍ଷ୍ୟେ
ନ ଆସୁ ଡାଳ ପତର,
ଏକାଗ୍ର ଚିତ୍ତରେ ପଢୁଥିଲେ ଧନ
ମିଳିବ ନିଶ୍ଚେ ସୁଫଳ ।



**–ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଢେଙ୍କାନାଳ

# ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଅନନ୍ୟ ପ୍ରତିଭାଧାରୀ ଧୀରଜ

ପିଲାମାନେ ତୁମେ ସବୁ ଦେଶର ଜାତୀୟ ପତାକା ଚିହ୍ନିଛ କି? ତୁମମାନଙ୍କ ପରି ୫ବର୍ଷର ଧୀରଜ ୧ମିନିଟ୍‌ରେ ୭୯ଟି ଦେଶର ଜାତୀୟ ପତାକାକୁ ଚିହ୍ନଟ କରି ପାରନ୍ତି । ଚେନ୍ନାଇର ଏକ ସ୍କୁଲରେ ୟୁକେଜିରେ ପଢୁଥିବା ଧୀରଜ ଏଥିପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ୱାର୍ଲ୍ଡ ମ୍ୟାପ୍‌ର ପ୍ରତ୍ୟେକଟି ଦେଶ, ମହାଦେଶ ଚିହ୍ନଟ କରି ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ମଧ୍ୟ ସ୍ଥାନ ପାଇଛନ୍ତି । ଏଥିପାଇଁ ସେ ୟୁକେର ୱାର୍ଲ୍ଡ ରେକର୍ଡ ୟୁନିଭରସିଟିରୁ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି । ଧୀରଜଙ୍କ ମାଆ ଲୀନା କଲ୍ୟାଣ କୁହନ୍ତି, ଧୀରଜକୁ ଯାହା ଭଲଲାଗେ ସେ ନ ଶିଖିବା ଯାଏ ଛାଡ଼େ ନାହିଁ । ତାକୁ ସେ ବାରମ୍ବାର ଅଭ୍ୟାସ କରେ । ତାକୁ ବର୍ଷେ ହେବାବେଳକୁ ସେ କଥା କହିବା ଆରମ୍ଭ କରିଦେଇଥିଲା । ତାର ସ୍ମୃତିଶକ୍ତି ପ୍ରଖର । ଯେତେବେଳେ ତା' ବାପା ପତାକାର ଏକ ଚାର୍ଟ ଆଣି ଧୀରଜକୁ ଦେଖାଇଥିଲେ ସେ ଧୀରେ ଧୀରେ ସେସବୁ ଗୋଟି ଗୋଟି ଚିହ୍ନିବାକୁ ଚେଷ୍ଟା କରିଥିଲା । ଦିନେ ଦୁଇଦିନ ଭିତରେ ସେ ସବୁ ଦେଶର ପତାକାକୁ ଚିହ୍ନିବାରେ ସକ୍ଷମ ହୋଇଥିଲା । ଏକ ଇଭେଣ୍ଟକୁ ଯାଇଥିବା ସମୟରେ ଅନ୍ୟ ପିଲା କୌଣସି ଜିନିଷରେ ରେକର୍ଡ କରୁଥିବାର ଦେଖି ସେ ନିଜେ ରେକର୍ଡ ସୃଷ୍ଟି କରିବାକୁ ପ୍ରେରଣା ପାଇଥିଲା ଏବଂ ସେ ରେକର୍ଡ କରିବାରେ ସକ୍ଷମ ମଧ୍ୟ ହୋଇଥିଲା ।




# ଏଥରର

- ବର୍ଷାର ପରିମାଣ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
- ଲାକ୍ଟୋମିଟର ଯନ୍ତ୍ର କେଉଁଥିପାଇଁ ବ୍ୟବହାର ହୁଏ ?
- ଥର୍ମୋମିଟର କ'ଣ ପାଇଁ ବ୍ୟବହାର କରାଯାଏ ?
- ବିଦ୍ୟୁତ୍ ଚାର୍ଜର ପରିମାଣ ମାପିବା ପାଇଁ କେଉଁ ଯନ୍ତ୍ର ବ୍ୟବହାର କରାଯାଏ ?
- ଯାନବାହନର ଗତି ମାପିବା ପାଇଁ କେଉଁ ଯନ୍ତ୍ରର ଆବଶ୍ୟକତା ପଡିଥାଏ ?

# ଗତଥରର

**ଉ ତ୍ତ ର**

- ଡଲାର
- ରେବନା
- ପେସୋ
- ଇଟାଲୀ
- ଆଫଗାନି



# କହିଲ ଦେଖି

(୧) ଘୂରାଇ ଦେଲେ ପୃଥିବୀ ପରି ଘୂରେ ମୁଁ ଘାଇଁ ଘାଇଁ
ଯିଏ ଯେତେବେଳେ ସୁଇଚ ଟିପେ ମନା କରଇ ନାଇଁ
ବାହାରି ଯାଏ ବାଆ ଦେହରୁ ଶୁଭଇ ସୁଉ ସୁଉ
ଯେତିକି ପବନ ଲୋଡ଼ା ହୁଅଇ ସେତିକି ମାଗି ଥାଉ ।
ଦେହରୁ ଝାଳ ମାରିବା ପାଇଁ ବିଦ୍ୟୁତ୍ ଯନ୍ତ୍ର ମୁହିଁ
ଜାଣିଛ ଯଦି କିଏ ମୋ ନାମ ଦିଅ ତାହାକୁ କହି ?



ଉତ୍ତର– **ପଙ୍ଖା**

(୨) ବାଉଁଶପାତେ ଗଢ଼ା ମୁଁ ସେତେ ରୂପ ମୋ ଗୋଲାକାର
ଧନୀ ଗରିବ ସବୁରି ମୁହିଁ ହୁଅଇ ଯେ ଆଦର ।
ହାତେ ଘୂରାଉଥିଲେ ନର ବାୟୁକୁ ଛାଡ଼ିଦିଏ,
ଗ୍ରୀଷ୍ମଋତୁରେ ହାଟରେ ମୋତେ ବହୁତ ଖୋଜାଯାଏ
କହିବ ଯିଏ ମୋର ନାମକୁ ତା ମଜା ନେବ ସିଏ ?



ଉତ୍ତର– **ବିଞ୍ଚଣା**

(୩) ଖୋଜନ୍ତି ନେତା ଧନୀ ଜନତା ଗ୍ରୀଷମ ଦିନେ ମୋତେ
ଅଂଶୁଘାତକୁ ଡର ନ ଥାଏ ବଢୁ ଉତ୍ତାପ ଯେତେ,
ଶୀତଳ ବାଆ ବିତରି ଥାଏ କାନ୍ଥରେ ରଖିଥିଲେ
ଭୁଲି ଯାଆନ୍ତି ଖୋଲି ଦିଅନ୍ତି ଧରାରୁ ଖରା ଗଲେ
ଜାଣିଛ ଯଦି ଏହାର ନାମ କହିବ କିଏ ପିଲେ ?

ଉତ୍ତର– **ଏସି ( ଶୀତତାପ ନିୟନ୍ତ୍ରକ )**

**–ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ,
ଯୋରନ୍ଦା, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨






## ଲାଲ୍‌ଗ୍ରହ ମଙ୍ଗଳ

ସୌରଜଗତର ଚତୁର୍ଥ ଗ୍ରହ ହେଉଛି ମଙ୍ଗଳ। ଏହା ବାଲି, ଗୋଡ଼ି, ପଥର ଆଦିରେ ତିଆରି ହୋଇଥିବାରୁ ଏହାକୁ ଲାଲ୍‌ଗ୍ରହ ମଧ୍ୟ କୁହାଯାଏ। ଏହି ଗ୍ରହରେ ଆଇରନ୍ ଅକ୍ସାଇଡ ପ୍ରଚୁର ପରିମାଣରେ ରହିଛି। ଏହାର ଦୁଇଟି ଉପଗ୍ରହ ରହିଛି ଯଥା ଡେମୋସ୍ ଏବଂ ଫୋବୋସ୍। ସୂର୍ଯ୍ୟଙ୍କଠାରୁ ଏହା ପ୍ରାୟ ୧୪୧ ମିଲିୟନ୍ ମାଇଲ ଦୂରରେ ଅବସ୍ଥିତ।



## ଅଲିମ୍ପିକ ଗେମ୍

ଅଷ୍ଟମ ଶତାବ୍ଦୀରେ ଗ୍ରୀସ୍‌ରେ ପ୍ରଥମେ ଅଲିମ୍ପିକ ଗେମ୍ ଆରମ୍ଭ ହୋଇଥିଲା। ଏହା ପ୍ରତି ୪ ବର୍ଷରେ ଥରେ ଅନୁଷ୍ଠିତ ହୁଏ। ଆଧୁନିକ ଅଲିମ୍ପିକ ଗେମ୍ ପ୍ରଥମ ଥର ପାଇଁ ୧୮୯୬ରେ ଆରମ୍ଭ ହେଲା, ଯେଉଁଥିରେ କେବଳ ପୁରୁଷମାନେ ଭାଗ ନେଉଥିଲେ। ୧୯୦୦ ମସିହାରେ ଏଥିରେ ମହିଳାମାନଙ୍କୁ ସୁଯୋଗ ମିଳିଲା। ୧୯୧୬ ମସିହାରେ ପ୍ରଥମ ବିଶ୍ୱ ଯୁଦ୍ଧ ପାଇଁ ଅଲିମ୍ପିକ୍ ଗେମ୍ ବନ୍ଦ ହୋଇଥିଲା। ଏହି ଗେମ୍‌ର ଅଫିସିଆଲ ଲାଙ୍ଗୁଏଜ୍ ହେଉଛି ଫ୍ରେଞ୍ଚ ଏବଂ ଇଂଲିଶ।



## ମଣ୍ଟ୍ରିଆଲ ବଟାନିକାଲ ଗାର୍ଡେନ, କାନାଡା

ପୃଥିବୀର ସବୁଠୁ ବଡ଼ ବଟାନିକାଲ ଗାର୍ଡେନ ହେଉଛି କାନାଡାର ମଣ୍ଟ୍ରିଆଲ ବଟାନିକାଲ ଗାର୍ଡେନ। ଏହାର ଆୟତନ ୧୯୦ ଏକର ପରିମିତ । ୧୯୩୧ ଜୁନ୍ ୧ ତାରିଖରେ ଏହା ପ୍ରଥମ ଥର ପାଇଁ ମାରି ଭିକ୍ଟୋରିଆଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଠାରେ ପ୍ରାୟ ୩୦ଟି ବଗିଚା ଅଛି, ଯେଉଁଠି ୨୦ ହଜାର ପ୍ରଜାତିର ଗଛ ରହିଛି।

## କଙ୍କଡ଼ାବିଛା ରହସ୍ୟ

ପିଲାଏ ଜାଣିଛ କି, କଙ୍କଡ଼ାବିଛାର ସାଧାରଣତଃ ୬-୧୨ଟି ଆଖି ରହିଥିବା ବେଳେ ଏମାନେ ଭଲ ଭାବେ ଦେଖିପାରନ୍ତି ନାହିଁ। ଦିନବେଳା ଶୋଇଥାନ୍ତି ଏବଂ ରାତି ସମୟରେ ବାହାରକୁ ବାହାରିଥାନ୍ତି। କିଛି ଲୋକ ଏମାନଙ୍କୁ ପୋଷା ଭାବେ ବି ରଖିଥାନ୍ତି। ଏମାନେ ଖାଇବା ସହ ପାଣି ପିଇଥାନ୍ତି, ହେଲେ ଯେବେ ବି ପାଣିର ଅଭାବ ଦେଖାଯାଏ ଏମାନେ ବିନା ପାଣିରେ ମଧ୍ୟ ମାସ ମାସ ଧରି ବଞ୍ଚିପାରନ୍ତି।



## ଡିମ୍ ଲାଇଟ୍‌ରେ ଭଲ ଦେଖିପାରନ୍ତି ମୂଷା

ଭଲ ଦୌଡ଼ିପାରୁଥିବା, ଶୁଣିପାରୁଥିବା ଓ ବାସ୍ନା ବାରିପାରୁଥିବା ପ୍ରାଣୀ ହେଉଛି ମୂଷା। ହେଲେ ଏମାନେ ଭଲଭାବେ ଦେଖିପାରନ୍ତି ନାହିଁ କେବଳ ଡ଼ିମ୍ ଲାଇଟ୍‌ରେ ହିଁ ଭଲ ଦେଖିପାରନ୍ତି। ନିଜର ଶରୀର ପାଇଁ ଏମାନେ ଯେ କୌଣସି ସ୍ଥାନରେ ନିଜକୁ ଖ । ପ ଖୁଆଇ ଚଲେଇପାରନ୍ତି। ଏମିତିକି ମାତ୍ର ୦.୬ ସେଣ୍ଟିମିଟର ଓସାର ଥିବା ଜାଗାରେ ବି ରହିପାରନ୍ତି। ଦିନକୁ ଏମାନଙ୍କ ଦାନ୍ତ ୦.୦୩ ସେଣ୍ଟିମିଟର ବଢ଼ିଥାଏ।



# ଆ ଇ ନା



ତରୁଣ ପଟ୍ଟନାୟକ
୧୦ ବର୍ଷ / ଭୁବନେଶ୍ୱର

ଅନିଷ୍କା ଠାକୁର
୫ ବର୍ଷ / ଭବାନୀପାଟଣା





ପ୍ରିଶା
୫ ବର୍ଷ / ଆସିକା